# NATIONAL NEWS BULLETIN (ODIA)

**3 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଘାନା ସଂସଦକୁ ଆଜି ଅପରାହ୍ଣରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଆତଙ୍କବାଦ ଉପରେ ପଶ୍ଚିମ ଦେଶଗୁଡ଼ିକ ଦୋମୁହାଁ ମାନଦଣ୍ଡ ଗ୍ରହଣ କରୁଥିବାରୁ ସମାଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ସ୍ୱାୟତ୍ତ ସଂସ୍ଥାଗୁଡ଼ିକ ଗଣତନ୍ତ୍ରର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ମଧ୍ୟରୁ ଗୋଟିଏ ।

- ଅନେକ ପାକିସ୍ତାନୀ ଅଭିନେତା ଓ କ୍ରିକେଟରଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ପୁଣିଥରେ ନିଷିଦ୍ଧ କଲେ କେନ୍ଦ୍ର ସରକାର ।

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ୩୧୦ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଭାରତ ।

# ପିଏମ୍-ଭିଜିଟ୍ ଘାନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଘାନା ସଂସଦକୁ ସମ୍ବୋଧନ କରିବେ । ଆକ୍ରାରେ ପ୍ରବାସୀ ଭାରତୀୟଙ୍କ ସହ ଶ୍ରୀ ମୋଦୀ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଘାନା ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ଆକ୍ରାସ୍ଥିତ କ୍ରୁମାହ ସ୍ମାରକୀ ପରିଦର୍ଶନ କରିବେ ଯେଉଁଠାରେ ଘାନାର ସ୍ୱାଧୀନତା ଘୋଷଣା କରାଯାଇଥିଲା ।

ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘାନାରେ ପହଞ୍ଚିବା ପରେ ଘାନା ରାଷ୍ଟ୍ରପତି ଜନ୍ ଦ୍ରମାଣି ମାହାମା ତାଙ୍କୁ ସ୍ୱାଗତ କରିବା ସହ ବିମାନ ବନ୍ଦରରେ ୨୧ ତୋପ ସଲାମି ଓ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ପରେ ଉଭୟ ନେତା ପ୍ରତିନିଧି ସ୍ତରୀୟ ଆଲୋଚନା କରିଥିଲେ । ଆଲୋଚନା ପରେ ଶ୍ରୀ ମୋଦୀ ଘୋଷଣା କରିଥିଲେ, ଉଭୟ ଭାରତ ଏବଂ ଘାନା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ।

**V/O-PM Modi-Ghana-Relation**

ଉଭୟ ନେତା ବାଣିଜ୍ୟ, ପୁଞ୍ଜିନିବେଶ, କୃଷି, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ସାମର୍ଥ୍ୟ ବୃଦ୍ଧି, ଭିତ୍ତିଭୂମି ଏବଂ ଜନସମ୍ପର୍କ ଉପରେ ଆଲୋଚନା କରିଥିଲେ । ଘାନାରେ ଭାରତ ପୁଞ୍ଜିନିବେଶ କରିବା ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ସହ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ବୃଦ୍ଧି କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ।

**V/O-PM Modi on Defence Support**

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଘାନା ରାଷ୍ଟ୍ରପତି ମାହାମା ଘାନାର ସର୍ବୋଚ୍ଚ ସମ୍ମାନ 'ଅଫିସ୍ ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର୍ ଅଫ୍ ଘାନା' ପ୍ରଦାନ କରିଥିଲେ । ଶ୍ରୀ ମୋଦୀ ଏହି ସମ୍ମାନର ଉତ୍ତରରେ କହିଥିଲେ...

**V/O-PM Modi on Ghana Award**

# ପିଏମ୍-ଭିଜିଟ୍

ପଞ୍ଚଦେଶୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଘାନା ଗସ୍ତ ଶେଷ କରିବା ପରେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତ୍ରିନିଦାଦ ଓ ଟୋବାଗୋ  ଗସ୍ତରେ ଯିବେ । ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସର୍‌ଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେଠାକାର ଯୁଗ୍ମ ସଂସଦୀୟ ଅଧିବେଶନରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ଗସ୍ତର ତୃତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଆର୍ଜେଣ୍ଟିନାରେ ପହଞ୍ଚିବେ । ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ମିଲେଇଙ୍କ ସହ ପ୍ରତିରକ୍ଷା, କୃଷି, ଖଣି ଖନନ, ତୈଳ ଓ ବାଷ୍ପ, ନବୀକରଣ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ ।

ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ୫ ତାରିଖରେ ବ୍ରାଜିଲ୍‌ରେ ପହଞ୍ଚିବେ । ବ୍ରାଜିଲ୍‌ର ରିଓ-ଡି-ଜେନେରିଓ ଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତରେ ଯିବେ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନାମିବିୟା ଗସ୍ତ ।

ସେଠାରେ ସେ ନାମିବିୟା ରାଷ୍ଟ୍ରପତି ନାନ୍ଦି ଏନ୍.ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର ଓ୍ୱେଷ୍ଟ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆତଙ୍କବାଦ ଉପରେ ପଶ୍ଚିମ ଦେଶଗୁଡ଼ିକ ଦୋମୁହାଁ ମାନଦଣ୍ଡ ଗ୍ରହଣ କରୁଥିବାରୁ ସମାଲୋଚନା କରିଛନ୍ତି । ଓ୍ୱାଶିଂଟନରେ ସାମ୍ବାଦିକମାନଙ୍କୁ ସୂଚନା ଦେବା ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି ଯେତେବେଳେ ଅନ୍ୟ ଦେଶଗୁଡ଼ିକ ଆତଙ୍କବାଦର ଶିକାର ହୁଅନ୍ତି ସେତେବେଳେ ସେହି ଦେଶଗୁଡ଼ିକ ଏଭଳି କରନ୍ତି ନାହିଁ । ସେ କହିଛନ୍ତି ଆତଙ୍କବାଦର ମୁକାବିଲା ଦିଗରେ ଭାରତର ନୀତି ଦୃଢ଼ ଏବଂ ସ୍ଥିର ରହିଛି । ଯେତେବେଳେ ଭାରତ ବାହାରେ ଅନ୍ୟ କୌଣସି ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ହୁଏ ସେତେବେଳେ ନୂଆଦିଲ୍ଲୀ ପକ୍ଷରୁ ସମାନ ସ୍ଥିତି ଅନୁସରଣ କରାଯାଏ, ଯାହା ଭାରତରେ ଘଟିବା ବେଳେ ଅନୁସରଣ କରାଯାଇଥିଲା ।

ଅପରେସନ ସିନ୍ଦୂର ସମୟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅସ୍ତ୍ରବିରତି ଲାଗି ପ୍ରସ୍ତାବ ଦେଇଥିବା ବିଷୟକୁ ଡକ୍ଟର ଜୟଶଙ୍କର ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ତଥ୍ୟ ଅନୁଯାୟୀ ଉଭୟ ଦେଶର ସାମରିକ ଅଧିକାରୀମାନଙ୍କ ମଧ୍ୟରେ ବୁଝାମଣା ପରେ ଅସ୍ତ୍ରବିରତି ହୋଇଥିଲା ।

ଆମେରିକା ଗସ୍ତ କାଳରେ ଡକ୍ଟର ଜୟଶଙ୍କର ଆମେରିକା ବୈଦେଶିକ ସଚିବ ମାର୍କ ରୁବିଓ ଏବଂ ଅଷ୍ଟ୍ରେଲିଆ ଓ ଜାପାନର ବୈଦେଶିକ ମନ୍ତ୍ରୀଙ୍କ ସହ କ୍ୱାଡ୍ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀରେ ଭାଗ ନେଇଥିଲେ । ସମସ୍ତ

ସଦସ୍ୟ ଦେଶ ପହଲଗାମରେ ସଂଗଠିତ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ ।

## ୟୁଏଲ୍ ବିଜ୍- କନଫରେନ୍ସ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ହରିୟାଣାର ମାନେସରଠାରେ ଆନ୍ତର୍ଜାତିକ ଅଟୋମୋଟିଭ ପ୍ରାଦ୍ୟୋଗିକି କେନ୍ଦ୍ରଠାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାର ଅଧ୍ୟକ୍ଷମାନଙ୍କ ଜାତୀୟ ସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ଏହି ଦୁଇଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି 'ସାମ୍ବିଧାନିକ ଗଣତନ୍ତ୍ର ଏବଂ ରାଷ୍ଟ୍ର ନିର୍ମାଣ ସୁଦୃଢ଼ୀକରଣ କ୍ଷେତ୍ରରେ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାର ଭୂମିକା'।

ଏହି ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ସ୍ୱାୟତ୍ତ ସଂସ୍ଥାଗୁଡ଼ିକ ଗଣତନ୍ତ୍ରର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ମଧ୍ୟରୁ ଗୋଟିଏ । ଏହି ସଂସ୍ଥାଗୁଡ଼ିକୁ ମଜଭୁତ କରିବା ଦ୍ୱାରା ଲୋକମାନଙ୍କ ଆବଶ୍ୟକତା ଏବଂ ଆକାଂକ୍ଷା ପୂରଣ ହୋଇ ପାରିବ । ଦେଶର ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ମଜଭୁତ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ଶ୍ରୀ ବିର୍ଲା କହିଛନ୍ତି । ସେ କହିଛନ୍ତି ସଂସଦଠାରୁ ଆରମ୍ଭ କରି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପର୍ଯ୍ୟନ୍ତ ପ୍ରତିଷ୍ଠାନ ଗୁଡ଼ିକର କାର୍ଯ୍ୟ ସୁଗମ କରାଯିବା ଗୁରୁତ୍ୱପୂର୍ଣ୍ଣ ।

**V/O-Om Birla Nagariya Sarkar**

ଏହି ଅବସରରେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ କହିଛନ୍ତି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ମଜଭୁତ ହେଲେ ଗଣତନ୍ତ୍ର ଅଧିକ ମଜଭୁତ ହୋଇପାରିବ ।

ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ପ୍ରତିନିଧିମାନେ ପୌର ସଂସ୍ଥାଗୁଡ଼ିକର ସୁପରିଚାଳନା, ସାଧାରଣ ଜନତାଙ୍କ ଗୁଣାତ୍ମକ ଜୀବନଶୈଳୀର ମାନବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ଏହାବ୍ୟତୀତ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ସ୍ୱାୟତ୍ତଶାସନ ସଂସ୍ଥା ଗୁଡ଼ିକରେ ମହିଳା ସଶକ୍ତିକରଣ ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

## ତେଲେଙ୍ଗାନା-ଏକ୍ସପୋଜର

ତେଲେଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲାରେ ଏକ ଔଷଧ ତିଆରି କାରଖାନାରେ ଘଟିଥିବା ବିସ୍ଫୋରଣର ତଦନ୍ତ ଲାଗି ରାଜ୍ୟ ସରକାର ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ଏହି ବିସ୍ଫୋରଣରେ ୪୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୫ଜଣ ଗୁରୁତର ଆହତ ହୋଇଛନ୍ତି । କମିଟିର ମୁଖ୍ୟ ଭାବେ ବୈଜ୍ଞାନିକ ବି. ଭେଙ୍କେଟେଶ୍ୱର ରାଓଙ୍କୁ ଦାୟିତ୍ୱ ଦିଆଯାଇଛି । ସେ ବିସ୍ଫୋରଣର କାରଣ ଅନୁସନ୍ଧାନ କରିବେ । ଇତିମଧ୍ୟରେ ୧୮ଟି ମୃତଦେହ ଚିହ୍ନଟ କରାଯାଇ ସେମାନଙ୍କ ପରିବାରବର୍ଗଙ୍କୁ ପ୍ରଦାନ କରାଯାଇଥିବା ସାଙ୍ଗାରେଡ୍ଡୀ ଜିଲ୍ଲାପାଳ ପ୍ରବୀଣା କହିଛନ୍ତି ।

## ଏଚ୍‌ପି-ଲ୍ୟାଣ୍ଡସ୍ଲାଇଡ୍

ହିମାଚଳପ୍ରଦେଶରେ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଗତ ଜୁନ୍ ୨୦ ତାରିଖରୁ ବର୍ଷା ଓ ବନ୍ୟା ଯୋଗୁଁ ୬୩ଜଣଙ୍କ ଜୀବନ ଯାଇଥିବାବେଳେ ୧୦୯ଜଣ ଆହତ ହୋଇଛନ୍ତି ଏବଂ ୪୦ଜଣ ନିଖୋଜ ଥିବା ସୂଚନା ମିଳିଛି । ଆଜି ଏବଂ ଆସନ୍ତାକାଲି ହିମାଚଳପ୍ରଦେଶର ଅନେକସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କତା ଜାରି କରାଯାଇଛି ।

## ପାକ୍ ସୋସିଆଲ ମିଡିଆ ବ୍ୟାନ୍

କେନ୍ଦ୍ର ସରକାର ଦେଶରେ ଅନେକ ପାକିସ୍ତାନୀ ଅଭିନେତା ଏବଂ କ୍ରିକେଟରଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ପୁଣିଥରେ ନିଷିଦ୍ଧ କରିଛନ୍ତି । ସୂଚନା ଅନୁଯାୟୀ ଯାନ୍ତ୍ରିକ ତ୍ରୁଟି ଯୋଗୁଁ କେତେକ ପାକିସ୍ତାନୀ ଗଣମାଧ୍ୟମ ଆକାଉଣ୍ଟ ଭାରତରେ ଉପଲବ୍ଧ ହେଉଥିଲା । ଚଳିତବର୍ଷ ମେ' ମାସରେ ଭାରତ ବିରୋଧୀ ପ୍ରଚାର ଏବଂ ଉତ୍ତେଜନାମୂଳକ ବିଷୟବସ୍ତୁ ପ୍ରସାରଣ ପାଇଁ କେନ୍ଦ୍ର ସରକାର ଅନେକ ଗୁଡ଼ିଏ ପାକିସ୍ତାନୀ ୟୁ-ଟ୍ୟୁବ୍ ଚ୍ୟାନେଲ ଏବଂ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଉପରେ ନିଷେଧାଦେଶ ଜାରି କରିଥିଲା । ପାକିସ୍ତାନୀ ଅଭିନେତା ସବା କମର, ଆହଦ ରାଜା

ମିର୍, ୟୁମନା ଜୟିଦୀ ଏବଂ ଦାନିଶ ତୈମୁରଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଏବଂ କ୍ରିକେଟର ସାହିଦ ଆଫ୍ରିଦି ଓ ସୋଏବ ଅଖତରଙ୍କ ୟୁ-ଟ୍ୟୁବ୍ ଚ୍ୟାନେଲକୁ ପୁଣି ନିଷିଦ୍ଧ କରାଯାଇଛି ।

## ଇଣ୍ଡିଆ-ଇଂଲଣ୍ଡ ସେକେଣ୍ଡ ଟେଷ୍ଟ

ବ୍ରିମିଂହାମ୍‌ର ଏଜ୍‌ବାଷ୍ଟନ ଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ ଇଂଲଣ୍ଡ ବିପକ୍ଷରେ ୫ ଓ୍ୱିକେଟ ହରାଇ ୩୧୦ରନ୍ ସ୍କୋର କରିଛି । ଅଧିନାୟକ ଶୁଭମନ ଗିଲ୍ ୧୧୪ରନ୍ ଏବଂ ରବିନ୍ଦ୍ର ଜାଡ଼େଜା ୪୧ରନ୍ କରି କ୍ରିଜ୍‌ରେ ଅଛନ୍ତି । ଗତକାଲିର ଖେଳରେ ଯଶସ୍ୱୀ ଜୟସ୍ୱାଲ୍ ୮୭ରନ୍ ସ୍କୋର କରିଥିଲେ । ଇଂଲଣ୍ଡର କ୍ରିସ୍ ଓ୍ୱକ୍ସ ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ଇଂଲଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳରେ ତିନୋଟି ପରିବର୍ତ୍ତନ କରାଯାଇଛି । ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଆକାଶଦୀପଙ୍କୁ ଦଳରେ ସାମିଲ କରାଯାଇଛି । ଅନ୍ୟ ପକ୍ଷରେ ଓ୍ୱାଶିଂଟନ୍ ସୁନ୍ଦର ଏବଂ ନିତିଶ କୁମାର ରେଡ୍ଡୀଙ୍କୁ ସାର୍ଦ୍ଦୁଲ ଠାକୁର ଓ ସାଇ ସୁଦର୍ଶନଙ୍କ ବଦଳରେ ଦଳରେ ସାମିଲ କରାଯାଇଛି ।

୫ଟିକିଆ ଟେଷ୍ଟ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ୫ ଓ୍ୱିକେଟ୍‌ରେ ଭାରତକୁ ପରାସ୍ତ କରିଥିଲା ।

## ହକି-ସବ୍‌ଜୁନିୟର୍ ୱିମ୍ୟାନ୍ ଚାମ୍ପିୟନସିପ୍

ପଞ୍ଚଦଶ ହକି ଇଣ୍ଡିଆ ସବ୍‌ଜୁନିୟର୍ ମହିଳା ଜାତୀୟ ଚାମ୍ପିୟନ୍‌ସିପ୍ ୨୦୨୫ ଆଜିଠାରୁ ଝାଡ଼ଖଣ୍ଡ ରାଞ୍ଚି ସ୍ଥିତ ଗୋମକେ ଜୟପାଲ ସିଂହ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ମୋଟ୍ ୨୮ଟି ଦଳ ଭାଗ ନେଉଥିବା ବେଳେ ସେମାନଙ୍କୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି । ଶ୍ରେଷ୍ଠ ୧୨ଟି ଟିମ୍‌କୁ ଗ୍ରୁପ୍-ଏରେ ରଖାଯାଇଥିବା ବେଳେ ଅନ୍ୟ ଟିମ୍ ଗୁଡ଼ିକୁ ଗ୍ରୁପ୍-ବି ଓ ସିରେ ସାମିଲ କରାଯାଇଛି । ଆସନ୍ତା ୧୧ ତାରିଖରେ କ୍ୱାର୍ଟର ଫାଇନାଲ୍, ୧୨ ତାରିଖରେ ସେମିଫାଇନାଲ୍‌ରେ ଏବଂ ୧୪ ତାରିଖରେ ଫାଇନାଲ୍ ମ୍ୟାଚ୍ ସହ ତୃତୀୟ ସ୍ଥାନ ଲାଗି ମ୍ୟାଚ୍ ଅନୁଷ୍ଠିତ ହେବ ।

## ଫୁଟବଲ୍-ଏଏଫ୍‌ସି ଏସିଆନ୍ କପ୍

ଥାଇଲାଣ୍ଡର ଚିଆଙ୍ଗ ମାଇ ଠାରେ ଅନୁଷ୍ଠିତ ଏ.ଏଫ୍.ସି. ମହିଳା ଫୁଟବଲ୍ ଏସିଆନ୍ କପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ୫-୦ ଗୋଲ୍‌ରେ ଇରାକ୍‌କୁ ପରାସ୍ତ କରିଛି । ୯ ପଏଣ୍ଟ ସହ ଭାରତ ଗ୍ରୁପ୍-ବିରେ ଶୀର୍ଷରେ ରହିଛି । ଆସନ୍ତା ଶନିବାର ଦିନ ଗ୍ରୁପ୍-ବିର ଫାଇନାଲ୍ ମ୍ୟାଚ୍‌ରେ ଭାରତ ଏବଂ ଥାଇଲାଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।